ପ୍ରେସ୍ ନୋଟ୍

# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ।

## ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ସ୍ଥାନକୁ ଯୁଗ୍ମ କମିଟି ତଦନ୍ତ କରିବା ଉପରେ ଗୁରୁତ୍ୱ ।

ଅନୁଗୋଳ,ତା.୨୫.୮:- ଜିଲ୍ଲାର ବିଭିନ୍ନ ସଡକରେ ଘଟୁଥିବା ଦୁର୍ଘଟଣାର ନିୟନ୍ତ୍ରଣ ଓ ସଡକର ସୁରକ୍ଷା ନିମନ୍ତେ ବିଭିନ୍ନ
କାର୍ଯ୍ୟକ୍ରମର ସଠିକ୍ ରୂପାୟନକୁ ନେଇ ଚଳିତ ମାସର ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ
ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ
ଜଗମୋହନ ମୀନା ଯୋଗ ଦେଇଥିଲେ । ଜିଲ୍ଲାରେ ଥିବା ୫୫ ନମ୍ବର ଜାତୀୟ ରାଜପଥ ସମେତ ଅନ୍ୟାନ୍ୟ ରାସ୍ତା ଗୁଡିକରେ ମରାମତି ଓ
ରାସ୍ତା ବ୍ୟବହାରକାରୀଙ୍କ ନିମନ୍ତେ ସାଂକେତିକ ଚିହ୍ନ ସଠିକ୍ ଭାବେ ଲଗାଇବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ରାସ୍ତା ମରାମତି
ପରେ ମଧ୍ୟ ବର୍ଷା ଦ୍ୱାରା ଖାଲ ଖମା ଓ ଗାଡ ସୃଷ୍ଟି ହେଉଥିବାରୁ ଜଳ ନିଷ୍କାସନ ଓ ପୁନଃ ମରାମତି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ
କରିଥିଲେ । ଏନଫୋର୍ସମେଣ୍ଟ କାର୍ଯ୍ୟରେ ଅନ ଲାଇନ୍‌ରେ ହେଲମେଟ ଓ ସିଟ୍ ବେଲଟ୍ ତଦାରଖ କରାଯାଇ ଚାଲାଣ କଟାଯାଉଛି
ବୋଲି ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଛନ୍ତି । ଏହାଛଡା ରାସ୍ତା ବ୍ୟବହାରକାରୀମାନଙ୍କ ପାଇଁ ରମ୍ବଲର୍ସରେ କଳା ଓ ହଳଦିଆ ଚିହ୍ନ
ଲଗାଇବାକୁ ଆରକ୍ଷୀ ଅଧିକ୍ଷକ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ଦୁର୍ଘଟଣା ସ୍ଥାନକୁ ସ୍ୱତନ୍ତ୍ର ଭାବେ ବିଶ୍ଲେଷଣ କରିବାକୁ ପରାମର୍ଶ
ଦିଆଯାଇଛି । ଦୁର୍ଘଟଣା ଘଟିଥିବା ବ୍ଲାକ୍ ସ୍ପଟ୍ ଗୁଡିକୁ ସଂଶୋଧନ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି ବୈଠକରେ ପ୍ରକାଶ
କରାଯାଇଥିଲା । ଏହାଛଡା ଜିଲ୍ଲା ସଡକ ସୁରକ୍ଷା କମିଟିର ବାର୍ଷିକ ଯୋଜନାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉଛି ବୋଲି ସୂଚନା
ଦିଆଯାଇଥିଲା । ବିଭିନ୍ନ ରାସ୍ତାରେ ଘଟୁଥିବା ଦୁର୍ଘଟଣାର ମୃତ୍ୟୁହାତମାନଙ୍କ ନିମନ୍ତେ ଏକ ବୈଷୟିକ ଦଳ ଦ୍ୱାରା ଯୁଗ୍ମ ତଦନ୍ତ କରିବାକୁ
ପରାମର୍ଶ ଦିଆଯାଇଛି । ସଡକ ସୁରକ୍ଷା ନିମନ୍ତେ ରମ୍ବଲର୍ସ ପ୍ରତିଷ୍ଠା ଓ ରାସ୍ତା ଟ୍ରାଫିକ୍ ସଂକେତ ପ୍ରତିଷ୍ଠା କରିବାକୁ ପରାମର୍ଶ ଦିଆଯାଇଛି ।
ପ୍ରକାଶଥାଉକି, ଜିଲ୍ଲାରେ ଘଟୁଥିବା ଦୁର୍ଘଟଣାରେ ମୃତ୍ୟୁହାର ଧିରେ ଧିରେ କମୁଛି । ଏଥିପାଇଁ ଏନଫୋର୍ସମେଣ୍ଟ କାର୍ଯ୍ୟକୁ ତ୍ୱରାନ୍ୱିତ
ଭାବେ କରାଯାଉଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଗତ ୨୦୧୯ ମସିହାରେ ଜାନୁୟାରୀ ମାସରୁ ଡିସେମ୍ବର ମାସ
ମଧ୍ୟରେ ଜିଲ୍ଲାରେ ଘଟିଥିବା ଦୁର୍ଘଟଣାରେ ୨୧୨ ଜଣ ମୃତ୍ୟୁବରଣ କରିଥିବାବେଳେ ୨୦୨୦ରେ ୧୯୨, ୨୦୨୧ରେ ୧୬୩ ଓ
ଚଳିତ ବର୍ଷ ଜୁଲାଇ ମାସ ସୁଦ୍ଧା ୯୮ ଜଣ ମୃତ୍ୟୁବରଣ କରିଛନ୍ତି । ସଡକ ସୁରକ୍ଷା ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମରେ ଚଳିତ ବର୍ଷ ଜୁଲାଇ
ମାସ ସୁଦ୍ଧା ୧୮୩୦ ଜଣଙ୍କ ବିନା ହେଲମେଟ,୬୨ ଜଣଙ୍କର ବିନା ସିଟ୍ ବେଲଟ୍ , ୮୮୭ ଜଣଙ୍କର ଦ୍ରୁତଗତିରେ ଗାଡି ଚାଳନା, ୮୦
ଜଣଙ୍କର ମଦ୍ୟପାନ କରି ଗାଡି ଚଳାଇବା , ୧୦୯ଟି ଗାଡି ଅତ୍ୟଧିକ ମାଲ ପରିବହନକୁ ଧରପଗଡ କରାଯିବା ସହ ୪୮୬ଜଣଙ୍କର
ଚାଳକ ଲାଇସେନ୍ସ ରଦ୍ଦ କରାଯିବା ସହ ୧୨୯ଟି ଗାଡିକୁ ବାଜ୍ୟାପ୍ତ କରାଯାଇଛି । ମଦ୍ୟପାନ କରି ଗାଡି ଚାଳନା ନିମନ୍ତେ ଏକ ସ୍ୱତନ୍ତ୍ର
ଅଭିଯାନ କାର୍ଯ୍ୟକ୍ରମରେ ଚଳିତ ବର୍ଷ ଜୁନ୍ ଓ ଜଲାଇ ମାସରେ ୨୬ଟି ମଦ୍ୟପାନଜନିତ ଧରପଗଡ କରାଯାଇଛି । ସେହିପରି ୨୧
ଜଣଙ୍କର ବିନା ହେଲମେଟ ଓ ସ୍କୁଲ ବସ୍‌ରେ ପିଲା ପରିବହନ ନିମନ୍ତେ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ଅଭିଯାନରେ ୧୬ ଜଣଙ୍କ ନାମରେ
ଇ-ଚାଲାଣ କଟାଯାଇଥିବାବେଳେ ଗୋଟିଏ ସ୍କୁଲବସ,୯ଟି ଅଟୋରିକ୍ସା ଓ ୬ଟି ଟାଟା ମ୍ୟାଜିକକୁ ଧରପଗଡ କରାଯାଇଥିବାବେଳେ ୧୩ଟି
ଗାଡିର ଫିଟ୍‌ନେସ୍ , ୧୦ଟି ଗାଡିର ପରମିଟ୍ ଓ ଗୋଟିଏ ଚାଳକ ଲାଇସେନ୍ସ ରଦ୍ଦ କରାଯାଇଛି । ମୋଟର ଭେଇକିଲ୍ ଆଇନ୍ ଅନୁଯାୟୀ
ରାସ୍ତାରେ ଚାଲୁଥିବା ଅନୁପଯୁକ୍ତ ଗାଡି ଯେଉଁଥିରେ ରେଟ୍ରୋରିଫ୍ଲେଟିଭ୍ ଟେପ୍, ବ୍ୟାକ୍ ଲାଇଟ୍,ଇଣ୍ଡିକେଟର ଆଦି ଲାଗିନଥିବାରୁ ଚଳିତ
ବର୍ଷ ଜୁନ୍,ଜୁଲାଇ ମାସରେ ୧୦୦ଟି ଗାଡିକୁ ଚେକିଂ କରାଯାଇ ୩୦ଟି ଗାଡିକୁ ରଦ୍ଦ କରାଯାଇଛି । ପ୍ରାରମ୍ଭରେ ଅନୁଗୋଳ ଆଂଚଳିକ
ପରିବହନ ଅଧିକାରୀ ଶ୍ରୀ ବିଭାଭଞ୍ଜନ ସାମନ୍ତସିଂହାର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲା ସଡକ ସୁରକ୍ଷା କମିଟିର ବିଭିନ୍ନ କାର୍ଯ୍ୟକ୍ରମ
ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ତାଳଚେର ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ନିଖିଳ ପଟ୍ଟନାୟକ,
ଗଣମାଧ୍ୟମର ପ୍ରତିନିଧି ଶ୍ରୀ ସଂଗ୍ରାମ ରଂଜନ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ,ରାସ୍ତା ନିର୍ମାଣକାରୀ ସଂସ୍ଥାର ଯନ୍ତ୍ରୀ
ଓ ଜାତୀୟ ରାଜପଥ ପ୍ରାଧିକରଣର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୮୩ ତା.୨୫.୮.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

[signature] ୨୫/୮/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


realme
Shot on realme 9 Pro+
2022.08.25 16:23